The Odisha Gazette

EXTRAORDINARY

PUBLISHED BY AUTHORITY

No. 1859 CUTTACK, FRIDAY, SEPTEMBER 27, 2019/ASWINA 5, 1941

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଳାହାଣ୍ଡି

ଅଧିସୂଚନା

ତାରିଖ 17 ଅଗଷ୍ଟ 2019

ସଂଖ୍ୟା 313—ଭୂ.ଅ.ମା.ସଂ.-୧୫/୨୦୧୮-ଭବାନୀପାଟଣା—ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ରେତ ଜଳସେଚନ ପ୍ରକଳ୍ପର ଗଣନାଥପୁର ସବ୍-ମାଇନ୍‌ରର କେନାଲ ନିର୍ମାଣ ନିମନ୍ତେ ସରକାର, ସରକାରୀ ବ୍ୟୟରେ ମୌଜା ଶରଧାପୁର, ଥାନା ଭବାନୀପାଟଣା ନଂ. ୧୭୮, ତହସିଲ ଭବାନୀପାଟଣା, ଜିଲ୍ଲା କଳାହାଣ୍ଡିରେ ନିମ୍ନ ତଫସିଲମତେ ପ୍ରାୟ ୦.୧୨ ଏକର ପରିମିତ ଭୂମି ଉପରୋକ୍ତ ଶରଧାପୁର ଗ୍ରାମରେ ଆବଶ୍ୟକ ହେଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, 2013ର ଧାରା 11(1)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

୧ । ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ଗଣନାଥପୁର ସବ୍-ମାଇନର କେନାଲ ନିର୍ମାଣ ନିମନ୍ତେ ।

୨ । ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ନିର୍ବାହୀ ଯନ୍ତ୍ରୀ, କଳାହାଣ୍ଡି ଅନୁସନ୍ଧାନ ବିଭାଗ, ଭବାନୀପାଟଣା ।

୩ । କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - କୌଣସି ବିସ୍ଥାପନ ହେଉନାହିଁ ।

୪ । ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।

୫ । ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପଜିଲ୍ଲାପାଳ, ଭବାନୀପାଟଣା ।

ଜମିର ବିଶଦ ବିବରଣୀ

| ଜିଲ୍ଲାର ନାମ | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ଅର୍ଜିତ ହେବାକୁ ଥିବା ଜମିର ପରିମାଣ | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|---|---|
| ଏଥିସହ ସଂଲଗ୍ନ କରାଗଲା | | | | | | | |

ଉକ୍ତ ଭୂମିର ଏକ ନକ୍ସା, ତଥା ବିସ୍ତୃତ ବିବରଣୀ କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ, କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କଳାହାଣ୍ଡି ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇ ପାରିବନାହିଁ ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ (ଷାଠିଏ) ଦିନ ମଧ୍ୟରେ କଳାହାଣ୍ଡି ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ଭୂମି ଅନୁସୂଚୀ**

**ମୌଜା ଶରଧାପୁର, ଥାନା ଭବାନୀପାଟଣା ନଂ. ୧୭୮, ତହସିଲ ଭବାନୀପାଟଣା, ଜିଲ୍ଲା କଳାହାଣ୍ଡି**
**ଗଣନାଥପୁର ସବ୍-ମାଇନର୍ର କେନାଲ ନିର୍ମାଣ ନିମନ୍ତେ**

| ଜିଲ୍ଲାର ନାମ | ତହସିଲର ନାମ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ଜମିର ମୋଟ ରକବା | ଅର୍ଜିତ ହେବାକୁ ଥିବା ଜମିର ପରିମାଣ | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) | (୭) | (୮) | (୯) | (୧୦) |
| | | | | | | | ଏକର | ଏକର | |
| କଳାହାଣ୍ଡି | ଭବାନୀପାଟଣା | ଶରଧାପୁର | ଗ୍ରାମାଞ୍ଚଳ | ୧୦୭/୧୬୯ | ୭୦୯ | ମାଳ | ୦.୭୨ | ୦.୧୨ | ସତ୍ୟନାରାୟଣ ସା, ପି. ପୟୋଧର ସା, ଜା. ତେଲି, ବା. ନିଜଗାଁ । |
| | | | | | | ମୋଟ | .. | ୦.୧୨ | |

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ଗାଭାଲି ପି. ହରଶାଦ**

ଜିଲ୍ଲାପାଳ, କଳାହାଣ୍ଡି

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 1190—173+20